## ସଂକ୍ଷେପରେ

### ବୃଦ୍ଧଙ୍କଠାରୁ ୫୫ ହଜାର ଲୁଟ୍

ବାସୁଦେବପୁର,୯।୮(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ସହର ଟ୍ରାଫିକ ଛକ ନିକଟସ୍ଥ ଶିବ ମନ୍ଦିର ସାମ୍ନାରୁ ସୋମବାର ଅପରାହ୍ନରେ ବଛିପୁର ଗ୍ରାମର ସନାତନ ବେଜ ନାମକ ଜଣେ ବୃଦ୍ଧଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କଠାରୁ ୫୫ ହଜାର ଟଙ୍କା ଭର୍ତ୍ତି ଥିବା ବ୍ୟାଗ୍ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ଏନେଇ ସନାତନ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସନାତନ ଏସ୍‌ବିଆଇ ଶାଖାରୁ ଟଙ୍କା ଉଠାଇ ବ୍ୟାଗ୍‌ରେ ରଖି ଫେରୁଥିବା ବେଳେ ଦୁଇଜଣ ଯୁବକ ପିଛା କରି ତାଙ୍କ ସାର୍ଟରେ କିଛି ମଇଳା ପକାଇ ଦେଇଥିଲେ। ସେ ଉକ୍ତ ମନ୍ଦିର ନଳକୂପ ନିକଟରେ ସାର୍ଟ ସଫା କରୁଥିବା ବେଳେ ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଦୌଡ଼ି ପଳାଇଥିଲେ।

### ଟ୍ରେନ ଧକ୍କାରେ ମହିଳା ମୃତ

ରୂପସା, ୯।୮(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଓ ହଳଦୀପଦା ରେଳଷ୍ଟେଶନ ମଝି ରେଳଧାରଣାରୁ ସୋମବାର ଜଣେ ମହିଳାଙ୍କ ମୃତଦେହକୁ ଜିଆରପି ଥାନା ପୋଲିସ ଜବତ କରିଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ମହିଳାଙ୍କ ବୟସ ୪୦ବର୍ଷ ହେବ। ଏ ସଂକ୍ରାନ୍ତରେ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୨୧) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଡାଉନଲାଇନରେ ମୃତଦେହ ପଡ଼ିଥିବା ଖବରପାଇ ବାଲେଶ୍ୱର ଜିଆରପି ଥାନା ଏଏସ୍‌ଆଇ ପରୀକ୍ଷିତ ନାୟକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଆନନ୍ଦପୁର,୯।୮(ସ୍ୱ.ପ୍ର.)- ଘସିପୁରା ବ୍ଲକ ସୁଆଁପଦା ଠାରେ ୧୦ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଓ ସାଇଁକୁଳ ଠାରେ ମାର୍କେଟ କମ୍ପ୍ଲେକ୍ସ ୧୬ ବଖରା ବିଶିଷ୍ଟ ଉପର ତାଲା ଦୋକାନ ଗୃହ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଏକାଦଶୀ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ସରୋଜ କୁମାର ଦତ୍ତ, ଜିଲାପରିଷଦ ଉପସଭାପତି ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଆଦିବାସୀ ଦିବସ

ବାଙ୍ଗିରିପୋଷି,୯।୮(ଡି.ଏନ.ଏ.): ବାଙ୍ଗିରିପୋଷି ମିନି ଷ୍ଟାଡିୟମଠାରେ ଆଦିବାସୀ ହୋ' ସମାଜର ସଭାପତି ନାଡୁ ସିଂ ସାମାଡଙ୍କ ଅଧକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କର୍ମକର୍ତ୍ତା ବୀରେନ୍ଦ୍ର ସିଂ ପୂର୍ତ୍ତି ଆଦିବାସୀ ସ୍ୱାଧିନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପ ସଭାପତି ଜିତେନ ମୁଣ୍ଡା ଆଦିବାସୀ ଯୁବକଙ୍କୁ ନେଇ ଏକ ଫୁଟବଲ ଖେଳ ଆୟୋଜନ କରିଥିଲେ। ଏଥିରେ ହାଣଦା, ସୋରାସପୋଷି ଓ ଜାମଦାପାଳର ଆଦିବାସୀ ସମାଜର ଯୁବକମାନେ ଅଂଶଗ୍ରହଣ କରିଥିଲେ। ବିଜୁ ସିଂ,ପାଣ୍ଡୁ ସିଂ,ବବିତା ସିଂଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୩ ମାସ ହେଲା ୪୦ ପରିବାର ଜଳବନ୍ଦୀ

**ଅରୂପ କୁମାର ଦାସ**
**ବାହାନଗା, ୯।୮**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ୨ଟି ୱାର୍ଡର ଦୁଃଖ କହିଲେ ନ ସରେ। ୟାସ୍ ବାତ୍ୟାକୁ ୩ମାସ ବିତିଯାଇଥିଲେ ମଧ୍ୟ ଖପରପଦା ସାହିର ୪୦ ପରିବାର ଏବେ ବି ଜଳବନ୍ଦୀ ହୋଇରହିଛନ୍ତି। ଅନ୍ୟ ଏକ ପାଖ ୱାର୍ଡର ୪ଟି ସାହିର ୧୫୦ ପରିବାରର ଲୋକେ ଘରୁ ରାସ୍ତାକୁ ବାହାରି ପାରୁନାହାନ୍ତି। ପୁରୁଣା ପାଣି ନାଳ ଜବରଦଖଲ କରି ରଖାଯାଇଥିବାରୁ ୨ଟି ୱାର୍ଡରେ ବନ୍ୟାପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସନ୍ତସନ୍ତିଆ ପରିବେଶ ସହ ଘର ଚାରିପାଖରେ ପାଣି ଜମିରହିବାରୁ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସବୁ ଜାଣି ବ୍ଲକ ପ୍ରଶାସନ ନିରୁପାୟ ହୋଇପଡ଼ିଛି ।

ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ୯ନମ୍ବର ୱାର୍ଡର ନାୟକ ସାହି, ସେଠୀ ସାହି, ଦାସ ସାହି, ପଲେଇ ସାହି, ଓ ୭ ନମ୍ବର ୱାର୍ଡର ଖପରପଦା ସାହି ମିଶି ପାଖାପାଖି ୨ ଶହ ପରିବାରର ଲୋକଙ୍କ ଦୁଃଖ ଏପର୍ଯ୍ୟନ୍ତ ଦୂର ହୋଇନାହିଁ । ସାହିରୁ ଜଳ ନିଷ୍କାସନ ପାଇଁ ଗ୍ରାମବାସୀ ବାରମ୍ବାର ତହସିଲଦାରଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ତହସିଲ ପ୍ରଶାସନ ତଦନ୍ତ କରିବାକୁ ଯାଇ ଚୁପ୍ ରହିଥିବାରୁ କ୍ଷତିଗ୍ରସ୍ତ ହେଉଥିବା ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖପରପଦା ସାହିର ରତ୍ନାକର ମହାଳିକ, ହରିହର ମହାଳିକ, ପୁରୁଷୋତ୍ତମ ମହାଳିକ, ବିଷ୍ଣୁମୋହନ ମହାଳିକ, ମଣ୍ଟୁ ମହାଳିକ, କାମିନୀକାନ୍ତ ମହାଳିକ ପ୍ରମୁଖ ୪୦ ପରିବାରର ଘର ଏବେ ବି ଜଳବନ୍ଦୀ ହୋଇରହିଛି । ସେମାନଙ୍କ ଘର ଚାରିପାଖରେ ୩ଫୁଟ ଉଚ୍ଚରେ ପାଣି ଜମି ରହିଛି । ଦୀର୍ଘ ୩ ମାସ ହେଲାଣି ଜଳ ବାହାରକୁ ନିଷ୍କାସନ ହୋଇପାରୁନାହିଁ। ଫଳରେ ଛୋଟ ପିଲାଠାରୁ ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ପାଣିରେ ଯାତାୟାତ କରିବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ରାତିରେ ସାପ କାମୁଡ଼ିବା ଭୟ ଥିବାରୁ ଅଧିକାଂଶ ପରିବାରର



ଘର ଚାରିପାଖେ ପାଣି ଜମି ରହିଛି।

ଲୋକମାନେ ଅନ୍ୟ ଲୋକଙ୍କ ଘରେ ଯାଇ ରାତ୍ରୀଯାପନ କରୁଛନ୍ତି । ଗୃହପାଳିତ ପ୍ରାଣୀ ମଧ୍ୟ ପାଣିଘେରରେ ରହୁଥିବାରୁ ୩ଟି ଗୋରୁ ମୃତ୍ୟୁବରଣ କରିସାରିଲେଣି। ସେହିପରି ୯ନମ୍ବର ୱାର୍ଡର ବାସିନ୍ଦାଙ୍କୁ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି। ସାହିରୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ରାସ୍ତା ଉପରେ ୩ ମାସ ଧରି ବନ୍ୟପାଣି ଜମି ରହିଛି। ଲୋକମାନେ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ଫଳରେ ୪ଟି ସାହିର ୧୫୦ ପରିବାରର ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ୨ଟି ୱାର୍ଡର ବର୍ଷା ପାଣି ଓ ବନ୍ୟା ପାଣି ଗୋଟିଏ ନାଳ ଦେଇ ପୂର୍ବରୁ ନିଷ୍କାସନ ହେଉଥିଲା। ପୁରୁଣା ପାଣି ନାଳ ଯେଉଁ ରାସ୍ତାକଡ ଦେଇ ଯାଇଥିଲା ତାହା ଗ୍ରାମର କିଛି ପରିବାର ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଦୀର୍ଘ ବର୍ଷ ଧରି ନାଳରେ ପାଣି ନିଷ୍କାସନ ହେଉଥିଲା। କାଳକ୍ରମେ ପରିବାର ବଢିବାରୁ ଘରଲୋକ ନାଳକୁ ପୋତି ଦେବାରୁ ଆଉ ପାଣି ନିଷ୍କାସନ ହୋଇପାରୁନାହିଁ। ପ୍ରଶାସନ ଆସି ଦେଖିଲେ ମଧ୍ୟ ବ୍ୟକ୍ତିଗତ ଜମି ଥିବାରୁ ଚୁପ୍‌ଚାପ୍ ରହୁଛନ୍ତି। ଉପଜିଲାପାଳଙ୍କ କୋର୍ଟରେ ୧୩୩ ନମ୍ବରରେ ଏକ ଇଜିମେଣ୍ଟେଡ୍ ରାଇଟ୍ ମାମଲା ରୁଜୁ କରାଯାଇଛି। ସେହି କେସ୍ ଫାଇନାଲ ହେବା ପରେ ଲୋକମାନଙ୍କ ସ୍ୱାର୍ଥ ଓ ମାନବ ଅଧିକାର ଅନୁଯାୟୀ ସମସ୍ତଙ୍କର ବଞ୍ଚିବାର ଅଧିକାର ଓ ସୁସ୍ଥ ରହିବାର ଅଧିକାର ନେଇ ପ୍ରଶାସନ ବ୍ୟକ୍ତିଗତ ଜମିରେ ଜଳ ନିଷ୍କାସନ କରିବା ପାଇଁ ଡ୍ରେନେଜ ଖୋଳି ଜଳ ନିଷ୍କାସନ କରିପାରିବେ। ଗ୍ରାମରେ ଥିବା ପୁରୁଣା ନାଳର ପୁନରୁଦ୍ଧାର କରାଯାଇ ଜଳ ନିଷ୍କାସନ ଶୀଘ୍ର କରିବା ପାଇଁ ଗ୍ରାମ୍ୟ କମିଟି ସଭାପତି ନିର୍ମଳ ନାୟକ ଦାବି କରିଛନ୍ତି। ଏନେଇ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର କହିଛନ୍ତି, ମୁଁ ଏପର୍ଯ୍ୟନ୍ତ ସେ ବିଷୟରେ କିଛି ଜାଣିନାହିଁ କି ଦେଖିନାହିଁ । ଫୋନ୍ ମାଧ୍ୟମରେ ଯାହା ଖବର ପାଇଛି । ସାହିକୁ ଯାଇ କିପରି ଜଳ ନିଷ୍କାସନ ହୋଇପାରିବ ସେ ଦିଗରେ ନିଶ୍ଚିତ ପଦକ୍ଷେପ ନିଆଯିବ।

## ଚାନ୍ଦବାଲିର କ୍ରିଷ୍ଣା ରଜକୁଇନ



**ଆରଡ଼ି, ୯।୮ (ଡି.ଏନ.ଏ. )**

ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର କ୍ରିଷ୍ଣା ସାହୁ ଚଳିତବର୍ଷ ଜି ସାର୍ଥକ ରଜକୁଇନ ପ୍ରତିଯୋଗିତାରେ ବିଜୟୀ ମୁକୁଟ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ରଜକୁଇନ ବିବେଚିତ ହୋଇଛନ୍ତି। ସେ ବେଙ୍ଗାଲୁରୁରେ ସଫ୍ଟୱୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଓଡ଼ିଆ ସଂସ୍କୃତି ପ୍ରତି ରୁଚି ତାଙ୍କୁ ଏହି ଟାଇଟଲ ଦେଇଛି। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ କ୍ରିଷ୍ଣା ବିଜୟୀ ମୁକୁଟ ପିନ୍ଧିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିବା ବେଳେ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ମା' ବାପା, ଅଜା, ଆଈଙ୍କ ଆଶୀର୍ବାଦ ସହ ପରିବାର ଲୋକଙ୍କ ପ୍ରେରଣା ଏହି ସଫଳତା ଦେଇଥିବା ସେ କହିଛନ୍ତି।

# କଳାକାର ମହାସଂଘର ବିକ୍ଷୋଭ



ବିକ୍ଷୋଭ ସମାବେଶରେ କଳାକାର।

**ବାଲେଶ୍ୱର ଅଫିସ, ୯।୮**

### ନାଇଟ କର୍ଫ୍ୟୁ ପ୍ରତ୍ୟାହାର ଦାବି

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ରାଜ୍ୟ କଳାକାର ମହାସଂଘର ଜିଲା ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଳାକାରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉକ୍ତ ସମାବେଶରେ କଳାକାରଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉପେକ୍ଷା ନୀତିକୁ ସମାଲୋଚନା କରିଥିଲେ ।

କରୋନା କାଳରେ ଜୀବିକା ହରାଇ ବସିରହିଥିବା ଯାତ୍ରା କଳାକାରଙ୍କ ପାଇଁ ରାଜ୍ୟ ସରକାର କଟକଣା କୋହଳ କରିବା ସହ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦେଇଛନ୍ତି। ରାଜ୍ୟରେ ଜାରି ହୋଇଥିବା ନାଇଟ କର୍ଫ୍ୟୁ କଳାକାରଙ୍କ ପାଇଁ ସମସ୍ୟା ହୋଇଛି। ଏଭଳି ସ୍ଥିତିରେ ପରିବାର ପ୍ରତିପୋଷଣ, ଘର ଘଡ଼ା ଦେବା ଓ ଋଣ ପରିଶୋଧ କରିବା କଷ୍ଟକର ହୋଇପଡ଼ିଛି। ରାଜ୍ୟ ସରକାର କଳାକାରଙ୍କୁ ସହାୟତା ପ୍ରଦାନ ନ କରି ଏକ ପ୍ରକାର ଉପେକ୍ଷା କରିଥିବା ସେମାନେ ଅଭିଯୋଗ ଆଣିଛନ୍ତି। କଳାକାରଙ୍କ ପାଇଁ ମାସିକ ୫ହଜାର ଲେଖାଏଁ ଭତ୍ତା ଘୋଷଣା, ଏମଏସ୍‌ଏମ୍‌ଇ ତାଲିକାଭୁକ୍ତ ସହ ଋଣ ପ୍ରଦାନ, ନେଇଥିବା ଋଣ ପରିଶୋଧ ପାଇଁ ଅଧିକ ୨ବର୍ଷର ଅବଧି ପ୍ରଦାନ, ତୃତୀୟ ଲହରରେ ଲକ୍‌ଡାଉନ ଏବଂ ଶଟଡାଉନ ଘୋଷଣା ହେଲେ ଅଗ୍ରୀମ ୬ମାସର ପ୍ୟାକେଜ ଘୋଷଣା ସମ୍ପର୍କରେ ମଧ୍ୟ ଦାବି କରାଯାଇଥିଲା । ଏନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ୧୫ଦିନ ମଧ୍ୟରେ ସରକାର ଏହି ଦାବି ସମ୍ପର୍କରେ ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଆନ୍ଦୋଳନକୁ ଓହ୍ଲାଇଲେ ଟେଣ୍ଟ, ଲାଇଟ୍ ସାଉଣ୍ଡ ସଂଘ

**କେନ୍ଦୁଝର, ୯।୮(ଡି.ଏନ୍.ଏ/ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଟେଣ୍ଟ ଓ ଲାଇଟ୍ ସାଉଣ୍ଡ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୁଇ ବର୍ଷ ମହାମାରୀ ପ୍ରଭାବରେ ଅନେକ ମାଲିକ ଏବଂ କାମ କରୁଥିବା କର୍ମଚାରୀ ଜୀବିକା ହରାଇଛନ୍ତି। ତେଣୁ ସରକାର ଏ କ୍ଷେତ୍ରରେ ଥିବା କୋଭିଡ ନିୟମକୁ କୋହଳ କରି ୩ଶହ ବ୍ୟକ୍ତିବିଶେଷଙ୍କ ଅନୁମତି ପ୍ରଦାନ କରାଗଲେ ସେମାନଙ୍କ ଜୀବନଜୀବିକା ନିର୍ବାହରେ ପ୍ରତିବନ୍ଧକ ହୁଅନ୍ତା ନାହିଁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ସରକାର ଏଥିପ୍ରତି ପଦକ୍ଷେପ ନ ନିଅନ୍ତି ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ଚିନ୍ମୟ ସାହୁ ଚେତାବନୀ ଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଚିନ୍ମୟ ସାହୁ, ସମ୍ପାଦକ ଚିତ୍ତରଞ୍ଜନ ବେହେରା, ଉପସଭାପତି ମିତ୍ରଭାନୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ରୋଟାରି କ୍ଲବ ପକ୍ଷରୁ ସ୍ତନ୍ୟପାନ ସପ୍ତାହ

**ବାଲେଶ୍ୱର ଅଫିସ, ୯।୮**

ବାଲେଶ୍ୱର ସହରସ୍ଥିତ କରଞ୍ଜିଆ ଗ୍ରାମ ମାଧନଗର ଭୋଇସାହିରେ ରୋଟାରି କ୍ଲବ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ପିଲା ଜନ୍ମର ଅଧଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, ୬ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା, ମା'ମାନେ ପ୍ରୋଟିନ ଓ ସବୁଜ ପନିପରିବା ଖାଇବା, ମା'ମାନେ ମାସ୍କ ପିନ୍ଧିବା ସହ ଯଥାଶୀଘ୍ର କୋଭିଡ୍ ଟିକା ନେବା ଓ ବହୁ ଉପାଦେୟ କଥା କହି କ୍ଲବ ତରଫରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

ଡ. ଲୀଳାବତୀ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ୧୯୯୨ରୁ ସାରାବିଶ୍ୱରେ ଏହି ଦିବସ ପାଳନ କରାଯାଉଛି ବୋଲି କହିବା ସହ ମହିଳାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ସ୍ତନ୍ୟପାନ ଦ୍ୱାରା ସାରା ଜୀବନ ପାଇଁ ମା' ଓ ଶିଶୁ ମଧ୍ୟରେ ଦୃଢ଼ ସମ୍ପର୍କ ରହିଥାଏ ବୋଲି ଉଲ୍ଲେଖ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଭାନୁମତି ମହାଳିକ, ଆଶାକର୍ମୀ ସୂର୍ଯ୍ୟମଣି ଜେନାଙ୍କ ସହ କ୍ଲବ ସଭାପତି ଡ. ରାଜଲକ୍ଷ୍ମୀ ଯତି, ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ଉଦୟ ରଞ୍ଜନ ଦାସ, ଗୀତାଞ୍ଜଳି ଶତପଥି, ସୌମ୍ୟା ସରିତା ବେହେରା, ଯଶୋଦା ନନ୍ଦନ ଆଶ, ନିକୁଞ୍ଜ ମହାନ୍ତି, ସନ୍ତୋଷ ନାହାକ, ସ୍ଥାନୀୟ ଅଞ୍ଚଳର ଗଙ୍ଗାଧର ମହାଳିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ।




ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଉପସ୍ଥିତ ରୋଟାରି କ୍ଲବ କର୍ମମର୍ତ୍ତା।

# ଛାତ୍ରୀଛାତ୍ରଙ୍କୁ ଛବିବାଳା ମେଧାବୃତ୍ତି ସମ୍ମାନ

**ବାଲିଆପାଳ, ୯।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳଠାରେ ରବିବାର ୨୦୨୧ ଛବିବାଳା ମେଧାବୃତ୍ତି ସମ୍ମାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଜୁ ଜନତା ଦଳର ରାଜ୍ୟ ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ପାଠପଢ଼ାରେ ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଯୋଗିତାମୂଳକ ଭାବନା ସୃଷ୍ଟି କରିବା ପାଇଁ ଏହା ଏକ ପ୍ରୟାସ । ସମ୍ମାନିତ ଅତିଥି ଭାବରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ଆପୋଲୋ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ବ୍ରଜରାଜ ଦାସ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନିୟୁକ୍ଷୀ ପାଣି, ସଞ୍ଜୟ ପାତ୍ର, କେଦାର ମହାନ୍ତିଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗଦେଇ ମେଧାବୃତ୍ତି ସମ୍ମାନ ପ୍ରଦାନ ଦ୍ୱାରା ଅନ୍ୟ ପିଲାମାନେ ପଢ଼ିବା ପାଇଁ ପ୍ରେରଣା ପାଇବେ। ବାଲିଆପାଳ ବ୍ଲକର ସମସ୍ତ ଏ-୧ର ଛାତ୍ରୀଛାତ୍ରଙ୍କୁ ସୁବର୍ଣ୍ଣ ପରିବାର ପକ୍ଷରୁ ମେଧାବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ୩ ଚୋରା ମଦ ବେପାରୀ ଗିରଫ

**ପାଟଣା,୯।୮(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ତରଫରୁ ରବିବାର ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୬୦ ଲିଟର ମହୁଲୀ ମଦ ଜବତ କରିବା ସହ ବେଆଇନ ମହୁଲୀ ମଦ ବ୍ୟବସାୟରେ ସମ୍ପୃକ୍ତ ୩ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରାସକୋଲା ଗ୍ରାମରେ ପେଟୁ, ମୁରୁସୁଆଁ ଗହମି ବେହେରା ଓ କିଆପଡା ଗ୍ରାମର ଜାମଲା ଦାସ।

## ଜେଏମ୍‌ଏମ୍‌ର କର୍ମୀ ସମ୍ମିଳନୀ

**ବାରିପଦା ଅଫିସ, ୯।୮**

ମୟୂରଭଞ୍ଜ ଜିଲା(ପୂର୍ବ) ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ପକ୍ଷରୁ ବାରିପଦାଠାରେ ଶହୀଦ ଦିବସ ପାଳନ ସହିତ କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶହୀଦ ନିର୍ମଳ ମହାନ୍ତଙ୍କ ୩୪ତମ ଦିବସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦାସ ମାରାଣ୍ଡି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଝାଡ଼ଖଣ୍ଡ ଆନ୍ଦୋଳନକାରୀ ଶିବାଜୀ ମଲ୍ଲିକ ଯୋଗଦେଇ ଶହୀଦ ମହାନ୍ତଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ସାଙ୍ଗଠନିକ ଜିଲାର ସଭାପତି ପ୍ରଭୁଦାନ ମାରାଣ୍ଡି, ସମ୍ପାଦକ ସୁନ୍ଦର ମୋହନ ସିଂ, ଚକ୍ରଧର ସିଂ, ପ୍ରଭାତ ମହାନ୍ତ, ରାଇସେନ ମୁର୍ମୁ, ଜଗନ୍ନାଥ ମାରାଣ୍ଡି, ଶଙ୍କର ପ୍ରସାଦ ମୁର୍ମୁ, ଡକ୍ଟର ସିଂ, ରଞ୍ଜିତ ଦାସଙ୍କ ସମେତ ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜୋନାଲ ସହ ପଞ୍ଚାୟତ କମିଟି ଗଠନ ଲାଗି ଆହ୍ୱାନ

### ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ ବ୍ଲକ କମିଟି ବୈଠକ

**ଭଣ୍ଡାରିପୋଖ,୯।୮(ଡି.ଏନ.ଏ)**

ବିଜେଡି ପକ୍ଷରୁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ସ୍ତରୀୟ ବ୍ଲକ କମିଟି ବୈଠକ ରବିବାର ଅପରାହ୍ନରେ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ତୃଣମୂଳସ୍ତରରୁ ସଙ୍ଗଠନ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦଳକୁ ଆହୁରି ମଜଭୁତ କରିବା ପାଇଁ ଆସନ୍ତା ୧୫ରୁ ୩୦ ତାରିଖ ସୁଦ୍ଧା ଜୋନାଲ କମିଟି ସହ ପଞ୍ଚାୟତ କମିଟି ଗଠନ ଲାଗି ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ମହିଳା, ଯୁବ ଓ ଛାତ୍ରଗୋଷ୍ଠୀଙ୍କୁ ସୁସଙ୍ଗଠିତ କରି କାର୍ଯ୍ୟ କରିବାକୁ ସେ କହିଥିଲେ। ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ସଭାପତି କମଳାକାନ୍ତ ସାହୁ, ଜିଲା ପରିଷଦ ସଦସ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପ୍ରଶାନ୍ତ ଦାସ, ବରିଷ୍ଠ ନେତା ସୁଧାଂଶୁ ନାୟକ, ଜିଲା ଯୁବ ସଙ୍ଗଠନ ଉପସଭାପତି ପ୍ରଣୀତକାନ୍ତ ସାମଲ, ଜଗନ୍ନାଥ ଭାରତୀ, ବିରେନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଲଳିତ ରାଉତ, ଉତ୍କଳ କେଶରୀ ମହାନ୍ତି, ସତ୍ୟସାଧନ ବେଜ, ସତ୍ୟାନନ୍ଦ ମହାପାତ୍ର, ରଶ୍ମିତା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ ସଂଯୋଜନା କରିଥିଲେ। ଧନ୍ୟବାଦ ଦେଇଥିଲେ ଲକ୍ଷ୍ମୀଧର ସାହୁ। ଅମୂଲ୍ୟ ନାୟକ, ପର୍ଶୁରାମ ପଣ୍ଡା, ଆକାଶ ନାୟକ, ବାପି ରାଉତ, ତୁଷାର ମିଶ୍ର, ପ୍ରତ୍ୟୁଷ ସାମଲ ପ୍ରମୁଖ ପରିଚାଳନା କରିଥିଲେ।




ବୈଠକରେ ବିଜେଡି ନେତା ଓ କର୍ମୀ।

## ମାଳଦାରେ ନିର୍ମାଣ ହେବ ଉପ ସ୍ୱାସ୍ଥ୍ୟକେନ୍ଦ୍ର

**ଭଣ୍ଡାରିପୋଖରୀ, ୯।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦାଠାରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ଚଳିତବର୍ଷ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ୨୩,୧୯,୪୨୬ ଟଙ୍କା ବ୍ୟୟବରାଦ କରାଯାଇଥିବା ସରପଞ୍ଚ ରୀତାଞ୍ଜଳିସାମଲ ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମାଳଦା ହାଇସ୍କୁଲ ନିକଟରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ବିରେନ୍ଦ୍ର ମହାନ୍ତି ଆବଶ୍ୟକ ଜମି ଯୋଗାଇ ଦେଇଛନ୍ତି। ଦୀର୍ଘଦିନ ଧରି ମହାନ୍ତି ମାଳଦା ଅଞ୍ଚଳରେ ମେଡିକାଲ ପ୍ରତିଷ୍ଠା ଲାଗି ଉଦ୍ୟମ କରିଆସୁଥିଲେ। ଜମିଦାନ ସହ ଆବଶ୍ୟକ ପଡ଼ିଲେ ନିଜସ୍ୱ ଖର୍ଚ୍ଚରେ ଉପଯୁକ୍ତ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ତଙ୍କ ସମେତ ଜିଲା ପରିଷଦ ଉପାଧକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ସରପଞ୍ଚ ସାମଲ ପ୍ରମୁଖ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ପ୍ରତିନିଧି ତଥା ଯୁବନେତା ଇଂ. ପ୍ରୟାସକାନ୍ତି ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରାସ୍ତାରୁ ଉଠିଗଲାଣି ପିଚୁ

**ଲଙ୍ଗଳେଶ୍ୱର, ୯।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜମ୍ବୀରାଇ ପଞ୍ଚାୟତ ଚାଉଳତି ଗାଁଠାରୁ କଷାଫଳ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣର ମାସେ ପୂରି ନ ଥିବା ବେଳେ ଠାଏ ଠାଏ ପିଚୁ ଉଠିଗଲାଣି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କଠାରେ ପ୍ରିୟରଞ୍ଜନ ପୁଷ୍ଟି, ମୁକୁନ୍ଦ ଆଦି, ରବୀନ୍ଦ୍ର ସେଠୀ, ସାରଦା ଗିରି, କାର୍ତ୍ତିକ ପାତ୍ର, ଶରତ ପ୍ରଧାନ, ରାମରଞ୍ଜନ ରାଉତ ଓ ସପନ ସେଠୀ ପ୍ରମୁଖ ଦାବି କରିଛନ୍ତି।

ଏହି ରାସ୍ତା ଅଗମ୍ୟ ହୋଇପଡ଼ିଥିବା ଯୋଗୁ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ବାରମ୍ବାର ଦାବି ପରେ ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମ୍ପର୍କରେ କୌଣସି ଫଳକ ଲଗାଗଲା ନାହିଁ କିମ୍ବା କୌଣସି ସୂଚନା ଦିଆଗଲା ନାହିଁ। ୧କି.ମି. ୩୦୦ ମିଟର ନିର୍ମାଣ ହେବାକୁ ଥିବା ରାସ୍ତା ୭ ଇଞ୍ଚ ଉଚ୍ଚ, ୩ ମିଟର ଓସାର ଓ



ରାସ୍ତାରୁ ଠାଏ ଠାଏ ପିଚୁ ଉଠିଯାଇଛି।

### ନିର୍ମାଣର ମାସେ ପୂରିନି

ମେଟାଲିଂ ୪ ଇଞ୍ଚ ହେବା କଥା। ସ୍ଥାନେ ସ୍ଥାନେ ଅଢେଇ ଇଞ୍ଚ, ୩ ଇଞ୍ଚ ମେଟାଲିଂ ହୋଇଥିବା ବେଳେ ୫ ଓ ୬ ଇଞ୍ଚ ଢଳେଇ କରାଯାଇଛି। ରାସ୍ତା ମଝିରେ ୧୦୦ମିଟର ପୂର୍ବରୁ ପଞ୍ଚାୟତ କଂକ୍ରିଟ କରିଥିଲା। ସେହି କଂକ୍ରିଟ ଉପରେ ପତଳା ଢଳେଇ ପକାଇ ନିର୍ମାଣ କରାଯାଉଛି। ୧୦୦ ମିଟର ରାସ୍ତାର ଅର୍ଥ ସମ୍ପୂର୍ଣ୍ଣ ଚଳୁ କରିଦିଆଯାଇଛି। ସେହିପରି ମେଟାଲ ଏବଂ ଚିପ୍‌ସ ଢଳେଇର ଭାଗମାପରେ କିଛି ତାଳମେଳ ନ ଥାଇ ଢଳେଇ କରାଯାଇଛି। ନିର୍ମାଣ ସମୟରେ ଯନ୍ତ୍ରୀ କିମ୍ବା ବିଭାଗୀୟ କୌଣସି ଅଧିକାରୀ ଉପସ୍ଥିତ ନ ରହିବା ଯୋଗୁ ମନଇଚ୍ଛା କାମ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସୌଭାଗ୍ୟ ଦାସଙ୍କୁ ପଚାରିବାରୁ କାମ ଠିକ୍ ହୋଇଛି ବୋଲି କହିଛନ୍ତି।

## ବଳାତ୍କାର ଅଭିଯୁକ୍ତ କୋର୍ଟଚାଲାଣ

ସୋର,(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ହୋଇଥିବା ମୁନା ଖ୍ୱଲାର ନାମକ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗତ ଏପ୍ରିଲ ୨୯ତାରିଖରେ ଘରେ କେହି ନ ଥିବା ସୁଯୋଗ ନେଇ ମୁନା ଶିଶୁକୁ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସୋର ପୋଲିସ ପୋକ୍ସୋ ଆଇନରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇ କ୍ୟାନ୍‌ସରରେ ମୃତ ଦୁଇ ଶିଶୁ ବାପଛେଉଣ୍ଡ

ବାଲିଆପାଳ, ୯।୮(ସ୍ୱ.ପ୍ର.)-ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚରବାସ୍ତ କାଳରୁ ଗ୍ରାମର ବିଜୟ କୁମାର ବେହେରା ଦିଲ୍ଲୀକୁ ଦାଦନ ଖଟିବାକୁ ଯାଇ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ସୋମବାର ପ୍ରାଣ ହରାଇଛନ୍ତି। ତାଙ୍କ ୧୧ ମାସର ପୁଅ ଏବଂ ୪ ବର୍ଷର ଝିଅ ଏବେ ବାପ ଛେଉଣ୍ଡ ହୋଇଯାଇଛନ୍ତି। ବିଜୟ ଦୀର୍ଘଦିନ ହେଲା ଦିଲ୍ଲୀରେ ଶ୍ରମିକ ଭାବରେ କାମ କରି ଆସୁଥିଲେ। କରୋନା ସମୟରେ ସେ ଘରକୁ ନ ଆସି ଦିଲ୍ଲୀରେ ରହିଥିଲେ। ସେଠାରେ ସେ କ୍ୟାନସରରେ ପୀଡିତ ବୋଲି ଜାଣିବା ପରେ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଦୁଇ ସପ୍ତାହ ପୂର୍ବରୁ ନିଜର ଜନ୍ମ ମାଟିକୁ ଫେରି ଆସିଥିଲେ। ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁ ପରେ ୧୧ ମାସର ପୁଅ ଏବଂ ୪ ବର୍ଷର ଝିଅ ଏବେ ବାପ ଛେଉଣ୍ଡ। ସ୍ତ୍ରୀ ଶକୁନ୍ତଳା ଦୁଇ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରି ଆଖିରୁ ଲୁହ ଗଡ଼ାଉଛନ୍ତି। ବିଜୟଙ୍କ ବିଧବା ପତ୍ନୀ ଓ ଦୁଇ ପିଲାର ଭବିଷ୍ୟତ ଆଖିରେ ରଖି ସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ ଉଭୟ ଚରବସ୍ତ କାଳରୁଇ ଏବଂ ଚୌଧୁରୀକୁଦ ଗ୍ରାମର ଲମ୍ବୋଦର ମହାନା, ଅଦ୍ୱୈତ୍ୟ ସାହୁ, ଗୌରାଙ୍ଗ ସାହୁ, ମଳୟ ମହାନ୍ତି, ମନୋରଞ୍ଜନ ଦଣ୍ଡପାଟା, ପତିତପାବନ ବେହେରା, ସନ୍ନ୍ୟାସୀ ବେହେରା ପ୍ରମୁଖ ଦାବି କରିଛନ୍ତି।

### କୁକୁଡ଼ା ଫାର୍ମ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ପାଟଣା,୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମର ଝପାସାହିରେ ନିର୍ମାଣାଧୀନ ଏକ କୁକୁଡ଼ା ଫାର୍ମକୁ ଗ୍ରାମବାସୀ ରବିବାର ବିରୋଧ କରିଛନ୍ତି। ଏଥିସହ ସ୍ଥାନୀୟ ସରପଞ୍ଚ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ବିନା ଅନୁମତିରେ ଏଠାରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ ଅନୁମତି ଦେଇଥିବାରୁ ଲୋକେ ଏକାଠି ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଫାର୍ମ କାମ ବନ୍ଦ ହୋଇଛି। ସୂଚନା ଅନୁଯାୟୀ, ସରପଞ୍ଚ କେତେକ ଲୋକଙ୍କୁ ପାଇପ୍ ଯୋଗେ ଗାଁକୁ ପାଣି ଆସିବ କହି ସାଦା କାଗଜରେ ଦସ୍ତଖତ କରାଇବା ପରେ ବ୍ରଏଲର ଫାର୍ମକୁ ଅନୁମତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଏଠାରେ ହେବାକୁ ଥିବା ୧୩ ହଜାର କ୍ଷମତା ସମ୍ପନ୍ନ କୁକୁଡ଼ା ଫାର୍ମ ହେଲେ ସାହି ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଗନ୍ଧ ଓ କୁକୁଡ଼ା ଫାର୍ମରୁ ନିର୍ଗତ ବର୍ଜ୍ୟବସ୍ତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଆଶଙ୍କାରେ ଅବସରପ୍ରାପ୍ତ ଅଧିକାରୀ ବିକ୍ରମ ମୁଣ୍ଡା, ଦାଶ ମତି ଚାତାର, ଭକ୍ତବନ୍ଧୁ ମହାନ୍ତ, ଜୁଲୁ ମହାନ୍ତ, ନିର୍ମଳ ମହାନ୍ତ, ନନ୍ଦ ମହାନ୍ତ, ବିମଳା ମହାନ୍ତ ପ୍ରମୁଖ ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ରଞ୍ଜୁଲତା ନାଏକଙ୍କୁ ପଚାରିବାରୁ ଗ୍ରାମବାସୀ ଉକ୍ତ ଫାର୍ମକୁ ବିରୋଧ କରୁଥିବାରୁ ଦିଆଯାଇଥିବା ଅନୁମତି ପତ୍ର ଖାରଜ କରି ଦିଆଯିବ ବୋଲି କହିଛନ୍ତି।

### ସିଆଇଟିୟୁର ଶୋଭାଯାତ୍ରା

କୁଳିଅଣା,୯।୮(ଡି.ଏନ.ଏ.)- କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ସୋମବାର ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କର୍ମକର୍ତ୍ତାମାନେ କୁଳିଅଣା ବଜାରଠାରୁ ଶୋଭାଯାତ୍ରାରେ ଯାଇ ତହସିଲଦାର ଅଭିଷେକ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଅମୂଲ୍ୟ ଦେ, ବ୍ଲକ ସଭାପତି ସନ୍ଧ୍ୟା ବେହେରା, ଆନନ୍ଦର ସେଠୀ, ଅର୍ଜୁନ ବେହେରା, ରବୀନ୍ଦ୍ର ଦାସ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର କଟକଣା କଡ଼ାକଡ଼ି

**ଆଖଣ୍ଡଳମଣି ପୀଠ**

■ଶ୍ରଦ୍ଧାଳୁଙ୍କୁ ବାଟ ଓଗାଳିଲା ପୋଲିସ

ଆରଡ଼ି, ୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିର କୋଭିଡ୍ କଟକଣା ପାଇଁ ପ୍ରାୟ ୪ ମାସ ହେଲା ବନ୍ଦ ରହିଛି। ପୀଠକୁ ଶ୍ରଦ୍ଧାଳୁମାନେ ଆସୁନାହାନ୍ତି। ଏବେ କଟକଣା କୋହଳ ହେବାରୁ ଦର୍ଶନ ନ ମିଳିଲେ ବି ଭକ୍ତମାନେ ପୀଠକୁ ଆସୁଥିଲେ। ଶ୍ରାବଣ ମାସରେ କାଉଡ଼ିଆଙ୍କ ଜଳଲାଗି ଉପରେ ଜିଲା ପ୍ରଶାସନ କଟକଣା ଲଗାଇଛି। ତେବେ ୩ୟ ସୋମବାର କେତେଜଣ କାଉଡ଼ିଆ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ସ୍ନାନ କରି ସେହିଠାରେ ଥିବା ମହାଦେବଙ୍କ ଉପରେ ଜଳଲାଗି କରିଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଜାଣିବା ପରେ ୪ର୍ଥ ସୋମବାର ପ୍ରଶାସନ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଥିଲା। ଆରଡ଼ି ଫାଣ୍ଡି ନିକଟରେ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଥାନା ଏଏସ୍‌ଆଇ ଧୃତରାଷ୍ଟ୍ର ମଲିକ, ଫାଣ୍ଡି ଅଧିକାରୀ କୁଳମଣି ପାତ୍ରଙ୍କ ସହ ୧ ପ୍ଲାଟୁନ ପୋଲିସ ଉପସ୍ଥିତ ରହି ପୀଠକୁ ଆସୁଥିବା ଭକ୍ତଙ୍କୁ ଛାଡ଼ି ନ ଥିଲେ। ଫଳରେ ସେମାନେ ଖରାରେ ଛିଡ଼ା ହୋଇ ରହିଥିଲେ। ଶେଷରେ ନିରାଶ ହୋଇ ଫେରିଥିଲେ। ଏହାକୁ ନେଇ ସେବାୟତମାନେ ଦୁଃଖ ପ୍ରକାଶ କରିଛନ୍ତି। ତୁରନ୍ତ ମନ୍ଦିର ଖୋଲାଯିବାକୁ ଦାବି ଜଣାଇଛନ୍ତି।

ହଠାତ୍ ଶ୍ରଦ୍ଧାଳୁଙ୍କ ସମେତ ବିଭିନ୍ନ କାର୍ଯ୍ୟରେ ପୀଠକୁ ଯାଉଥିବା ଲୋକଙ୍କୁ ପୋଲିସ ଅଟକାଇବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସାମାଜିକ କର୍ମୀ କିଶୋର ନାୟକ। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ୧୪୪ ଧାରା ବଳବତ୍ତର ରହିଛି। ପୀଠରେ ଅଧିକ ସଂଖ୍ୟକ ଭକ୍ତ ଏକତ୍ର ହେଲେ କୋଭିଡ୍ ନିୟମ ଭଙ୍ଗ ହେବା ଆଶଙ୍କା କରି ଏଭଳି ନିଷ୍ପତ୍ତି ନିଆଯାଇଛି।



ଆରଡ଼ି ଫାଣ୍ଡି ନିକଟରେ ପୋଲିସ ଶ୍ରଦ୍ଧାଳୁଙ୍କୁ ଅଟକାଉଛି।

## 'ହିରୋ ଗ୍ଲାମର ଏକ୍ସ-ଟେକ'ର ବଜାର ପ୍ରବେଶ

**'ହିରୋ ମୋଟୋକର୍ପ'ର ଦଶ ବର୍ଷ ପୂର୍ତ୍ତି**

ବାଲେଶ୍ୱର ଅଫିସ, ୯।୮

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗରେ ଅବସ୍ଥିତ ନୀଲମ ମୋଟର୍ସ ପକ୍ଷରୁ 'ହିରୋ ମୋଟୋକର୍ପ'ର ୧୦ବର୍ଷ ପୂର୍ତ୍ତି ଉତ୍ସବ ସୋମବାର ପାଳନ ହୋଇଛି। ଏହି ଅବସରରେ ଅତ୍ୟାଧୁନିକ 'ହିରୋ ଗ୍ଲାମର ଏକ୍ସ-ଟେକ' ବାଇକ୍‌ର ଶୁଭ ବଜାର ପ୍ରବେଶ ହୋଇଛି।

ନୀଲମ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ନନ୍ଦ କିଶୋର ସରାଓଗୀ ଓ ନିର୍ଦ୍ଦେଶକ ମନୀଷ ସରାଓଗୀ ମିଳିତ ଭାବେ ନୂତନ ମଡେଲର ବାଇକ୍‌କୁ ଅନାବରଣ କରିଥିଲେ। ହିରୋ କମ୍ପାନୀର ୧୨୫ ସିସି ଇଞ୍ଜିନ୍ କ୍ଷମତା ବିଶିଷ୍ଟ ବାଇକ୍ ବର୍ଗରେ ଏହା ପୁନଃ-ପରିଭାଷିତ ଓ ଅନେକ ନୂତନ ବୈଶିଷ୍ଟ୍ୟରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ବାଇକ। ବ୍ଲୁ-ଟୁଥ୍ ସଂଯୋଗ, ଟର୍ନ ବାଇ ଟର୍ନ ନେଭିଗେଶନ, ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍ ଅଫ୍ ସହିତ ଇଣ୍ଟିଗ୍ରେଟେଡ ୟୁଏସବି ଚାର୍ଜର, ବ୍ୟାକ ଆଙ୍ଗେଲ ସେନ୍ସର, ଏଲ୍ଇଡି ହେଡଲ୍ୟାମ୍ପ ସହ ଅନେକ ନୂତନ ବୈଶିଷ୍ଟ୍ୟରେ ଭରପୂର ଏହି ବାଇକ ଗ୍ରାହକମାନଙ୍କୁ ଅତ୍ୟନ୍ତ ସୁଖଦ ଯାତ୍ରାର ଅନୁଭୂତି ଦେବ। ଏଥିରେ ବେଟର ଫୁଏଲ ଇକନମି ସହ ଚାଳକଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ନିର୍ଦ୍ଦେଶକ ମନୀଷ ସରାଓଗୀ କହିଛନ୍ତି। କମ୍ପାନୀର ୧୦ବର୍ଷ ପୂର୍ତ୍ତି ଅବସରରେ ନୀଲମ ହୀରୋ ପକ୍ଷରୁ ପ୍ରତି ସ୍କୁଟର ଓ ଏକ୍ସଟ୍ରିମ୍ ବାଇକ ଉପରେ ୫ହଜାର ଟଙ୍କା ଓ ଅନ୍ୟ ବାଇକ ଉପରେ ୨ ହଜାର ଟଙ୍କା ରିହାତି ଦିଆଯାଇଥିବା ସେ ସୂଚନା ଦେଇଥିଲେ। ହିରୋ ମୋଟୋକର୍ପ ଦେଶର ଏକ ନମ୍ବର ଦୁଇ ଚକିଆ ଯାନ ନିର୍ମାତା ଓ ବିକ୍ରେତା ଭାବେ ନିଜର ସ୍ଥିତି ବଜାୟ ରଖିପାରିଛି । କେବଳ ଗ୍ରାହକମାନଙ୍କ ଶୁଭେଚ୍ଛା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ନୀଲମ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ନନ୍ଦକିଶୋର ସରାଓଗୀ କହିଛନ୍ତି। ଏହି ଅବସରରେ ପ୍ରଥମ ଗ୍ରାହକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅନନ୍ତ ଗୋପାଳ କରଙ୍କୁ ନୀଲମ ମୋଟର୍ସ ପକ୍ଷରୁ ଚାବି ହସ୍ତାନ୍ତର କରାଯାଇଥିଲା।


ପ୍ରଥମ ଗ୍ରାହକଙ୍କୁ 'ହିରୋ ଗ୍ଲାମର ଏକ୍ସ-ଟେକ' ବାଇକ୍‌ର ଚାବି ପ୍ରଦାନ କରାଯାଉଛି।

# ମାସକରେ ଭାଙ୍ଗିଲେଣି ୩୫ରୁ ଊର୍ଦ୍ଧ୍ୱ ଘର

**କରଞ୍ଜିଆ ବନଖଣ୍ଡରେ ହାତୀ ଉପଦ୍ରବ**

ବାରିପଦା ଅଫିସ,୯।୮

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ମାସେ ହେଲା ହାତୀ ଉପଦ୍ରବ ଜାରି ରହିଛି। ହାତୀପଲ ଗାଁରେ ପଶି ବ୍ୟାପକ ଘରଦ୍ୱାର ଭାଙ୍ଗିବା ସହିତ ଧାନ ଫସଲ ନଷ୍ଟ କରୁଛନ୍ତି। ସେମାନଙ୍କ ଗତିପଥ ବଦଳାଇବାରେ ବନବିଭାଗ ବିଫଳ ହୋଇଥିବା ବେଳେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରୁ ୨୫ରୁ ଊର୍ଦ୍ଧ୍ୱ ହାତୀ କରଞ୍ଜିଆ ରେଞ୍ଜ ଅଧୀନ ବଡ଼ଦେଉଳି, ବାଲିପୋଷୀ, ସାନଦେଉଳି, କେରକରା, ବୁଢ଼ୀସରେଇ, ଚାନ୍ଦୁସାହି, ଝଳକିଆଣି, ନୂଆଗାଁ, ନେଢୁଆପାଳ ଓ ଦୁଧିଆଣି ରେଞ୍ଜର ଶିରମଣିପୁର, କୁଞ୍ଜିଆମ, ତିନିଟିଆ ଆଦି ଗ୍ରାମଗୁଡ଼ିକରେ ପଶି ଉତ୍ପାତ ଚଳାଇଛନ୍ତି। ବିଭିନ୍ନ ଦଳରେ ଭାଗ ହୋଇ ସେମାନେ ଏହି ସବୁ ଗ୍ରାମର ୩୫ରୁ ଅଧିକ ଘର ଭାଙ୍ଗିବା ସହିତ ବ୍ୟାପକ ଫସଲ ନଷ୍ଟ କରି ସାରିଲେଣି। ସେହିପରି ଦୁଇ ଦିନ ପୂର୍ବେ ହାତୀପଲ ଭଅଁରାପୋଷୀ ଓ ବଡ଼ଦେଉଳିରେ ଥିବା ଆଦର୍ଶ ବିଦ୍ୟାଳୟର ପାଚେରି ଓ ଝରକା ଭାଙ୍ଗି ୫ କୁଇଣ୍ଟାଲରୁ ଅଧିକ ଚାଉଳ ଖାଇ ଦେଇଛନ୍ତି। ଶନିବାର ଅପରାହ୍ନରେ ଚଢ଼େଇଭୋଳ-କରଞ୍ଜିଆ ରାସ୍ତାରେ ହାତୀମାନେ ଚଳପ୍ରଚଳ କରିବାରୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଏ ସଂକ୍ରାନ୍ତରେ ବନଖଣ୍ଡ ଅଧିକାରୀ ଲାଡ଼େ ଗଜାନନ ଦୟାନନ୍ଦଙ୍କୁ ପଚାରବାରୁ ବନ କର୍ମଚାରୀମାନେ ହାତୀପଲଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ଗତିପଥ ବଦଳାଇବାକୁ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳର ଅଞ୍ଜନ ଶାହା, ରଣଜିତ ଶାହା, ସୀତାରାମ ନାୟକ ଓ ଗଦାଧର ନାୟକ ପ୍ରମୁଖ ଦାବି କରିଛନ୍ତି ।


ରାସ୍ତା ଉପରେ ହାତୀପଲ।

## ଟ୍ରକ୍ ଧକ୍କାରେ ସାଇକେଲ ଚାଳକ ମୃତ

ସୋର, ୯।୮(ଡି.ଏନ୍.ଏ.)

ସୋର ବ୍ଲକ ମାଣିପୁର ପଞ୍ଚାୟତ ଖୁଣ୍ଟା ଗ୍ରାମର ଗୁଲୁଣିଆ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କର ମୃତ୍ୟୁ ଘଟିଛି। ରବିବାର ମଧ୍ୟାହ୍ନରେ ବାଲଇମୁଣ୍ଡଳୀ ଗ୍ରାମର ପାଣ୍ଡୁ ସିଂ(୬୫) ମାଣିପୁର ବେଙ୍ଗେଇ ଗ୍ରାମରୁ ନିଜ ସାଇକେଲରେ ଘରକୁ ଫେରୁଥିବା ବେଳେ ଗୁଲୁଣିଆଛକ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଟ୍ରକ ଡ୍ରାଇଭର ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଚିକିତ୍ସା କରାଇ ଘରେ ଛାଡ଼ିଦେଇଥିଲେ। ସୋମବାର ପୂର୍ବାହ୍ନରେ ପାଣ୍ଡୁ ପୁଣି ଗୁରୁତର ହୋଇପଡ଼ିବାରୁ ତାଙ୍କ ପରିବାର ଲୋକେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋର ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

## ରେଳରୋକୋ ବନ୍ଦ

ଭଦ୍ରକ ଅଫିସ,୯।୮

ଭଦ୍ରକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ୫ ଦଫା ଦାବି ନେଇ ଆସନ୍ତା ୧୦ ତାରିଖରେ ଧାମରା ରେଳପଥର ଗୁରୁଦାସପୁର ଷ୍ଟେଶନଠାରେ ରେଳରୋକୋ କରାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ଜିଲା ପ୍ରଶାସନ ଓ ବନ୍ଦର ଅଧିକାରୀଙ୍କ ସହ ଆଲୋଚନା ପରେ ରେଳରୋକୋ ବନ୍ଦ କରାଯାଇଛି। ଧାମରା ବନ୍ଦରରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଧାମରା ରେଳପଥ ପାର୍ଶ୍ୱରେ ଜମି ରହୁଥିବା ପାଣି ନିଷ୍କାସନ ବ୍ୟବସ୍ଥା, ରେଳ ଧାରଣାର ଉଭୟ ପାର୍ଶ୍ୱରେ ବ୍ୟାପକ ବନୀକରଣ, ବନ୍ଦର, ଜିଲାରେ ପାରିପାର୍ଶ୍ୱିକ ଉନ୍ନତି ଏବଂ ଭଦ୍ରକ ସହରକୁ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଥିଲା। ଜିଲାପାଳ ଡ. ଜ୍ଞାନ ଦାସ ଗୁରୁଦ୍ୱର ସହ ବିଚାରକୁ ନେଇ ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସଙ୍କୁ ଏହାର ଆଲୋଚନା ନିମନ୍ତେ ଦାୟିତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦାସ, ଭଦ୍ରକ ତହସିଲଦାର ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର ଜୁଡିସିଆଲ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁ, ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବାରିକ, ଯୁବନେତା ହେମନ୍ତ ମହାପାତ୍ର, ସତ୍ୟନାରାୟଣ ପୁହାଣ, ସେକ୍ ବବି, ପ୍ରଫୁଲ୍ଲ ପୃଷ୍ଟି, ଚାନ୍ଦବାଲିର ଅତିରିକ୍ତ ତହସିଲଦାର, ଧାମରା ବନ୍ଦର ପକ୍ଷରୁ ଜଗତ ପରିଜା ଓ ଶୁଭାଶିଷ ମିଶ୍ର ଜିଲାପାଳଙ୍କ ସାଳନ୍ଦୀ ସଭାଗୃହରେ ଆଲୋଚନା କରିଥିଲେ। ପ୍ରଶାସନ ୪ଟି ଦାବିକୁ ମାନି ନେଇଥିବା ଛାତ୍ର କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି।

## ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୯।୮(ସ୍ୱ.ପ୍ର.)

ବାଲିଆପାଳ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଶିକ୍ଷାବିତ୍ ଅର୍ଜୁନ ଚରଣ ସେନାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଲଙ୍ଗଳେଶ୍ୱର ଶଚୀନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନଚରଣ ସେନାପତିଙ୍କ ୮୦ ତମ ଜନ୍ମଦିନ ପାଳନ ଅବସରରେ ବାଲିଆପାଳ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ସେନାପତିଙ୍କୁ ତାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗଠନ ସମ୍ପାଦକ ମିଳନ କୁମାର ମହାନ୍ତି, ଉପଦେଷ୍ଟା ରାମକୃଷ୍ଣ ଦେ, ଶିବନାରାୟଣ ପାତ୍ର, ଭୈରବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍‌ଲାଇନ ପରୀକ୍ଷା ଦାବିରେ ଜିଲାପାଳ, କୁଳପତିଙ୍କୁ ସ୍ମାରକପତ୍ର

ବାଲେଶ୍ୱର ଅଫିସ, ୯।୮

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଅନୁବନ୍ଧିତ କଲେଜରେ ଯୁକ୍ତ ୩ୟ ସେମିଷ୍ଟାର ପରୀକ୍ଷାକୁ ଅନଲାଇନ୍‌ରେ କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରି ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ କୁଳପତି ଡ. ସନ୍ତୋଷ ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧୀନରେ ଥିବା ସମସ୍ତ ଅନୁବନ୍ଧିତ ଯୁକ୍ତ ୩ କଲେଜରେ ଯୁକ୍ତ ୩ୟ ସେମିଷ୍ଟାର ପରୀକ୍ଷା ଅଫଲାଇନ୍‌ରେ ଆସନ୍ତା ଅଗଷ୍ଟ ୨୩ତାରିଖରେ ହେବା ନେଇ ଗତ ଅଗଷ୍ଟ ୭ତାରିଖରେ ନୋଟିସ୍ ପ୍ରକାଶିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଏହା ଜାଣିବା ପରେ ମହାମାରୀ କରୋନାର ପ୍ରଭାବ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଅଦ୍ୟାବଧି ପ୍ରଭାବିତ ହେଉଥିବା ସହ କେତେକାଞ୍ଚଳ କଣ୍ଟେନମେଣ୍ଟ ଜୋନ୍‌ରେ ରହିଛି। ବସ୍ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇପାରିନାହିଁ। ସମସ୍ତ ଛାତ୍ରୀଛାତ୍ର କରୋନା ଟିକା ନେଇପାରି ନ ଥିବା ବେଳେ ଅଫଲାଇନ୍ ପରୀକ୍ଷା ସମ୍ଭବ ନୁହେଁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ଗତ ଅଗଷ୍ଟ ୭ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ, ଛାତ୍ରୀଛାତ୍ରଙ୍କ ସେମିଷ୍ଟାର ପରୀକ୍ଷା ଦିଗରେ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ନିଜ ସ୍ତରରେ ନିଷ୍ପତ୍ତି ନେଇ ଅନଲାଇନ୍ କିମ୍ବା ଅଫଲାଇନ୍ ପରୀକ୍ଷା କରାଇପାରିବେ। ଏହାକୁ ଆଧାର କରି ରାଜ୍ୟରେ ଏକାଧିକ କଲେଜରେ ଅନଲାଇନ୍ ପରୀକ୍ଷା ହେଉଛି। ସେଥିପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରେ ମଧ୍ୟ ପରୀକ୍ଷା ଅନଲାଇନ୍‌ରେ କରିବା ପାଇଁ ଅରବିନ୍ଦ ଦେ, ବିଶ୍ୱନାଥ ଦାସ, ଅଭିଶେକ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି।

ଏନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡ. ସନ୍ତୋଷ ତ୍ରିପାଠୀ କହିଛନ୍ତି, ନୋଟିସ୍ ଦେବା ପରେ ଛାତ୍ରୀଛାତ୍ରଙ୍କ ଲିଖିତ ଅଭିଯୋଗ ମିଳିଛି। ଆସନ୍ତା ମଙ୍ଗଳବାର ସମସ୍ତ ମହାବିଦ୍ୟାଳୟ ଅଧକ୍ଷଙ୍କ ସହ ବୈଠକ ରହିଛି। ଉକ୍ତ ବିଷୟରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ।


କୁଳପତିଙ୍କୁ ଭେଟିବାକୁ ଆସିଥିବା ଛାତ୍ର।

# କ୍ରାନ୍ତି ଦିବସରେ ବିକ୍ଷୋଭ

ବାରିପଦା ଅଫିସ,୯।୮

କ୍ରାନ୍ତି ଦିବସ ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୫ ଦଫା ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ-କର୍ମଚାରୀ ମିଳିତ ମଞ୍ଚର କର୍ମକର୍ତ୍ତା ଏକାଠି ହୋଇଥିଲେ। ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚର ଜିଲା ଆବାହକ ଚିତ୍ତରଞ୍ଜନ ପାଳତାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ଦୁର୍ଯ୍ୟୋଧନ ବେହେରା, ଯାଜ୍ଞସେନୀ ରାୟ, ସଂଗ୍ରାମ କେଶରୀ ମଲ୍ଲିକ,ଅସୀମା ସାହୁ, ଗୁଣାକର ଦାସ, ଅଟଳ ବିହାରୀ ମହାନ୍ତ, ଜ୍ଞାନ ରଞ୍ଜନ ପାଣିଗ୍ରାହୀ, କିଶୋର ଆଚାର୍ଯ୍ୟ, ପ୍ରଭାସ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜିଲା ଟେଣ୍ଟ ହାଉସ୍ ଓନର୍ସ ଆଣ୍ଡ ୱେଲଫେୟାର ଆସୋସିଏସନର ସଭାପତି ପଙ୍କଜ ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ୨ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ବିବାହ, ବ୍ରତଘର ଓ ଶୁଦ୍ଧି କ୍ରିୟାରେ ୩ଶହ ଲୋକଙ୍କୁ ଅନୁମତି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜୀବିକା ବଞ୍ଚାଇବା ଦାବିରେ କୃଷକ, କଳାକାର, ଜିମ, ପାର୍ଲର ଓ ସେଲୁନ ସଂଘର କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୋଭିଡ୍-୧୯ ପରିସ୍ଥିତିରେ ୬ମାସର ୫ହଜାର ଲେଖାଏଁ ୩୦ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କରିବା, ଯାତ୍ରା ଚାଲୁ କରିବା ପାଇଁ ନାଇଟ କର୍ଫ୍ୟୁ ପ୍ରତ୍ୟାହାର କରିବା, କଳାକାର ଭତ୍ତା ୧୨ଶହରୁ ୩ହଜାରକୁ ବୃଦ୍ଧି କରିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କଳାକାର ସଂଘର ସଭାପତି ସନ୍ତୋଷ ବେହେରା, କୃଷକ ନେତା ପ୍ରାଣବନ୍ଧୁ ପଲେଇ, ବିୟୁଟି ପାର୍ଲର ସଂଘର ରଶ୍ମୀରଞ୍ଜନ ବାରିକଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।


ଶିକ୍ଷକ-କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ।

# ନାହିଁ ନାହିଁରେ ଯୁଗପୁରା ପାସେଞ୍ଜର ହଲ୍ଟ

ବୈଶିଙ୍ଗା,୯।୮(ଡି.ଏନ.ଏ.)

ପୂର୍ବତଟ ରେଳପଥ ଅଧୀନ ରୂପ୍‌ସା-ବାଙ୍ଗିରିପୋଷି ରେଳପଥର ବୈଶିଙ୍ଗା ନିକଟସ୍ଥ ସର୍ବ ପୁରାତନ ଯୁଗପୁରା ପାସେଞ୍ଜର୍ ହଲ୍ଟ ଅଦ୍ୟାବଧି ଷ୍ଟେଶନର ମାନ୍ୟତା ପାଇପାରିନାହିଁ। ଏଠାରେ ପ୍ଲାଟଫର୍ମ ନାହିଁ। ରୋଗୀ, ଶିଶୁ ଓ ମହିଳାଙ୍କ ସମେତ ବୟସ୍କ ବ୍ୟକ୍ତିଙ୍କୁ ଟ୍ରେନକୁ ଉଠିବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ। ଅନେକ ସମୟରେ ଏହି କାରଣରୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଶୌଚାଳୟ ନାହିଁ। ପାନୀୟ ଜଳର ବ୍ୟବସ୍ଥା ନାହିଁ। ସବୁଠାରୁ ବଡ଼ ସମସ୍ୟା, ଗତ ବର୍ଷ ମାର୍ଚ୍ଚ ୨୦ ତାରିଖଠାରୁ କରୋନା ସଂକ୍ରମଣ କାରଣ ଦର୍ଶାଇ ଏଠାରେ ଟିକେଟ ବିକ୍ରି କାଉଣ୍ଟର ବନ୍ଦ କରି ଦିଆ ଯାଇଛି। ଫଳରେ ଏଠାରେ ଟ୍ରେନ ଧରୁଥିବା ଯାତ୍ରୀମାନଙ୍କୁ ଅନ୍‌ଲାଇନରେ ଟିକଟ କାଟିବାକୁ ପଡୁଛି। ଅଧିକାଂଶ ଯାତ୍ରୀ ବିନା ଟିକଟରେ ଯାତ୍ରା କରିବାକୁ ବାଧ ହୋଇଥାନ୍ତି।

୨୦୧୯ ଜୁଲାଇ ୨୫ ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରି ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ପିୟୁସ ଗୋଏଲଙ୍କୁ ସାକ୍ଷାତ କରି ଯୁଗପୁରା ପାସେଞ୍ଜର୍ ହଲ୍ଟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଇତି ମଧ୍ୟରେ ଦୁଇ ବର୍ଷ ବିତି ଗଲାଣି। ହେଲେ ଏହି ରେଳ ରହଣିର ରୂପରେଖରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ରେଳରହଣି ଉପରେ ଆଖପାଖ ୬ଟି ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମେତ ବଡ଼ସାହି ବ୍ଲକ ଅଞ୍ଚଳର ବ୍ୟବସାୟୀମାନେ ନିର୍ଭର କରିଥାନ୍ତି। ସ୍ଥାନୀୟ ରାଜନେତାଙ୍କ ଉଦାସୀନତା ଯୋଗୁ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ରହଣି ସ୍ଥଳ ଅବହେଳିତ ଅବସ୍ଥାରେ ପଡ଼ି ରହିଛି ବୋଲି କହିଛନ୍ତି ଆଇନଜୀବୀ ମନୋଜ କୁମାର ପଣ୍ଡା କହିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ସମୟରେ କଂଗ୍ରେସ ପକ୍ଷରୁ ଏହି ପାସେଞ୍ଜର ହଲ୍ଟର ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗରେ ପରିଣତ କରାଯାଇ ଲୋକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ରଘୁନାଥ ରାଉତ କହିଛନ୍ତି। ଅନ୍ୟପକ୍ଷେ, ସ୍ଥାନୀୟ ବିଧାୟକ ସନାତନ ବିଜୁଳିଙ୍କୁ ପଚାରିବାରୁ ଯୁଗପୁରାଠାରେ ସମ୍ପୂର୍ଣ୍ଣ ନୂତନ ହାଇଲେଭଲ୍ ପ୍ଲାଟଫର୍ମ ନିର୍ମାଣ ନିମନ୍ତେ ରେଳ ବିଭାଗର ମଞ୍ଜୁରୀ ମିଳିଥିବା ଏବଂ ଅର୍ଥ ବ୍ୟବସ୍ଥା ହୋଇ ସାରିଥିବା ସମ୍ପର୍କରେ ରେଳ ଡିଭିଜନାଲ ମ୍ୟାନେଜର ବର୍ଷେ ତଳେ ସୂଚନା ଦେଇଥିଲେ। ତେବେ କାହିଁକି କାର୍ଯ୍ୟ ଅଟକି ରହିଛି ଏ ସଂକ୍ରାନ୍ତରେ ସେ ଖୁବ୍ ଶୀଘ୍ର ଉଚ୍ଚ ଅଧିକାରୀଙ୍କୁ ଯୋଗାଯୋଗ କରିବେ ବୋଲି କହିଛନ୍ତି।



ଯୁଗପୁରା ପାସେଞ୍ଜର ହଲ୍ଟ।

## ବର୍ଷା ପାଇଁ ଯଜ୍ଞ

ଖଇରା, (ଡି.ଏନ.ଏ.): ଅନାବୃଷ୍ଟି ଯୋଗୁ ଖଇରା ବ୍ଲକରେ ଆସନ୍ନ ମରୁଡି ପରିସ୍ଥିତି ଦେଖାଦେଇଛି। ଆସନ୍ନ ମରୁଡିରୁ ରକ୍ଷା ପାଇଁ କରୁଣ୍ଡା ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମରେ ଶେଷ ଶ୍ରାବଣୀଧାରା ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ୭ଜଣଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ପୁରସ୍ତମ ପାଢୀ ଓ ପୁରସ୍ତମ ମିଶ୍ରଙ୍କ ଦ୍ୱାରା ଯଜ୍ଞକର୍ମ ସୁଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା। ମୋହନ ମିଶ୍ର, ଗୌରାଙ୍ଗ ମିଶ୍ର, ନିରଞ୍ଜନ ମିଶ୍ର, ସୁବାସିନୀ ମିଶ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହତ୍ୟା ମାମଲା: ୨ବର୍ଷ ପରେ ଧରାପଡ଼ିଲେ ୩ ଅଭିଯୁକ୍ତ

କେନ୍ଦୁଝର, ୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ପଣ୍ଡାପଡ଼ା ଗ୍ରାମରେ ଗତ ୨ ବର୍ଷ ତଳେ ଘଟିଥିବା ଏକ ହତ୍ୟା ମାମଲାରେ ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ତନ୍ତଳାପଶି ପଞ୍ଚାୟତ ଧନୁଗୁରୁ ଗ୍ରାମର ସୁଦର୍ଶନ ଦେହୁରୀ(୪୬), ଅନାମ ନାୟକ(୪୬) ଏବଂ ଯୁଧିଷ୍ଠିର ଦେହୁରୀ (୩୬)। ୨୦୧୯ ଫେବୃୟାରୀ ୧୭ରେ ଉକ୍ତ ଗ୍ରାମର ମୁରଲୀଧର ନାୟକ(୫୫)ଙ୍କ କୂଅରେ ପଡି ମୃତ୍ୟୁ ଘଟିଥିବାନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୦୧୯) ରୁଜୁ କରି ତଦନ୍ତ କରୁଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଏନେଇ ଚଳିତବର୍ଷ ଜୁନ୍ ୧୬ରେ ଏକ ହତ୍ୟା ମାମଲା (ନଂ.୫୮/୨୦୨୧) ରୁଜୁ କରି ପୋଲିସ ୩ ଅଭିଯୁକ୍ତଙ୍କୁ ଖୋଜୁଥିଲା। ସୋମବାର ପୋଲିସ ସେମାନଙ୍କୁ ଗିରଫ କରିଛି। ମୁରଲୀଧରଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଏବଂ ଏହାକୁ ଏକ ଅପମୃତ୍ୟୁ ମାମଲା ଦର୍ଶାଇବା ପାଇଁ କୂଅକୁ ପକାଇ ଦେଇଥିଲେ ବୋଲି ପୋଲିସ ଆଗରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ତେବେ ଏସ୍‌ଡିଜେଏମ କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି।

### ଶ୍ରମିକ, କ୍ଷେତ ମଜଦୁର ସଙ୍ଗଠନର ରାଲି

ଜଳେଶ୍ୱର, ୯।୮(ଡି.ଏନ.ଏ.)- ଶ୍ରମିକ, କ୍ଷେତମଜଦୁର ସଙ୍ଗଠନ ସମ୍ମିଳିତ ହୋଇ ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନଠାରୁ ଏକ ରାଲିରେ ବାହାରି ଜଳେଶ୍ୱର ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ଶ୍ରମିକ, କୃଷକ, କ୍ଷେତ ମଜଦୁର ସଙ୍ଗଠନର ଆବାହକ ଦୀପ୍ତିମାନ ଆଚାର୍ଯ୍ୟ, ସୀତାଂଶୁ ସେନାପତି, ପଲଟୁ ଦାସ, ମମି ପଣ୍ଡା, ଈଶାନୀ ଷଡଙ୍ଗୀ, ଜିତାଂଶୁ ନନ୍ଦୀ, ରବୀନ୍ଦ୍ର ବାରିକ, ଗଣେଶ ଭୂୟାଁ, ମମତା ରାଜ, ସନ୍ତୋଷ ଦାସ, ଜୀବନ ପରିଡା, ସେକ୍‌ଅବଦୁଲ ସାଦିକ, ଯତୀନ ଜେନା, ରତନ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ରକୁ ବ୍ଲକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଶରତରେ ବିଜେଡି କର୍ମୀ ବୈଠକ

କପ୍ତିପଦା,୯।୮(ଡି.ଏନ.ଏ.)- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମୟୂରଭଞ୍ଜ-୨ ଜିଲାସ୍ତରୀୟ କର୍ମକର୍ତ୍ତା ବୈଠକ କପ୍ତିପଦା ବ୍ଲକ ଶରତ ମଠଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ-୨ ବିଜୁ ଛାତ୍ର ଜନତାଦଳର ଯୁବ ସଭାପତି ଆନିଶ ମାନ୍ନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୟୂରଭଞ୍ଜ-୨ ଯୁବ ଅଧକ୍ଷ ତଥା ପର୍ଯ୍ୟବେକ୍ଷକ ଅମରେନ୍ଦ୍ର ଧଳ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କିଭଳି ସଫଳତା ମିଳିପାରିବ ସେ ସମ୍ପର୍କରେ ଆହ୍ୱାନ ଜଣାଇଥିଲେ। ଜିଲା ସଭାପତି ମାନସ କୁମାର ନାୟକ, ବିଜୁ ଛାତ୍ର ସଭାପତି ରୋମ ସିଂ, ଯୁବ ସଭାପତି କେଦାର କାଲୁଣ୍ଡିଆ, ପୂର୍ବତନ ସରପଞ୍ଚ ଜଣ୍ଡକ ସିଂ, ନାରାୟଣ କିସ୍କୁ ପ୍ରମୁଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ଲିଖିତ ପୁସ୍ତକ 'ଦି ଟଲ୍ ମେନ୍'କୁ ଛାତ୍ରନେତାଙ୍କୁ ପ୍ରଦାନ କରିଥିଲେ।

# ତହସିଲ କାର୍ଯ୍ୟାଳୟରେ ଝୁଲିଲା ତାଲା

## ଆକ୍ରମଣକାରୀ ବାଲି ମାଫିଆଙ୍କ ଗିରଫ ଦାବି ଜୋର ଧରିଲା

■ଛାତ୍ରୀଛାତ୍ର ହୀନସ୍ତା

ଭୋଗରାଇ, ୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ତହସିଲରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଉପରେ ମରଣାନ୍ତକ ଆକ୍ରମଣର ୭ଦିନ ବିତିଗଲାଣି। ଅଦ୍ୟାବଧି ଆକ୍ରମଣକାରୀ ଦୁର୍ଦ୍ଦାନ୍ତ ବାଲିମାଫିଆଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇ ନ ଥିବାରୁ ଭୋଗରାଇ ଅଞ୍ଚଳରେ ସବୁସ୍ତରରୁ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ଅତିରିକ୍ତ ତହସିଲଦାର ସ୍ୱାସ୍ଥ୍ୟଜନିତ କାରଣରୁ ଛୁଟିରେ ଥିବା ବେଳେ ସ୍ଥାନୀୟ ଓକିଲ, ଭେଣ୍ଡର ଓ ମୋହରିର ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆକ୍ରମଣକାରୀଙ୍କୁ ଶୀଘ୍ର ଗିରଫ ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନଙ୍କ ସ୍ଥାୟୀ ବାସିନ୍ଦା, ଆୟ ଓ ଜାତିଗତ ପ୍ରମାଣପତ୍ର ନ ପାଇ ହୀନସ୍ତା ହେଉଛନ୍ତି। କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ବହୁ ଲୋକ ଦୂରଦୂରାନ୍ତରୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଘରକୁ ଫେରୁଛନ୍ତି। ସ୍କୁଲ କଲେଜ ଖୋଲିଥିବା ବେଳେ ଛାତ୍ରୀଛାତ୍ରମାନେ ସେମାନଙ୍କର ପ୍ରମାଣପତ୍ର ଯୋଗାଡ଼ କରିପାରୁନାହାନ୍ତି। ଗତ ୨ତାରିଖରେ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଅନୁଧ୍ୟାନ କରିବା ନିମନ୍ତେ ଯାଇଥିବା ବେଳେ ଏକ ଚୋରା ବାଲି ଡମ୍ପରକୁ ଯାଞ୍ଚ କଲା ପରେ ବାଲିମାଫିଆଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ କମର୍ଦ୍ଦା ପୋଲିସ ବାଲିଗାଡ଼ି ସହିତ ଗାଡ଼ି ଡ୍ରାଇଭର, ହେଲପର ଓ ଆକ୍ରମଣରେ ସମ୍ପୃକ୍ତ ଥିବା ୨ ଯୁବକଙ୍କୁ ପରେ ଗିରଫ କରି କୋର୍ଟଚାଲାଣ କରିଥିଲେ। ହେଲେ ମୁଖ୍ୟ ଆସାମୀ ସୌମ୍ୟଦୀପ ଚକ୍ରବର୍ତ୍ତୀ ଓ ଅନ୍ୟ ସହଯୋଗୀଙ୍କୁ ପୋଲିସ ଅଦ୍ୟାବଧି ଗିରଫ କରିପାରୁ ନ ଥିବାରୁ ଭୋଗରାଇରେ ଆନ୍ଦୋଳନ ତେଜିବାରେ ଲାଗିଛି। ସୋମବାର ଓକିଲ, ମୋହରିର ଓ ଭେଣ୍ଡର ସଂଘ ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ ଜୋରଦାର କରାଯାଇଛି। ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭର ପହଞ୍ଚି ଆସାମୀଙ୍କୁ ୩ ଦିନ ମଧ୍ୟରେ ଗିରଫ କରାଯିବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନ ସ୍ଥଗିତ ରଖିଥିଲେ।


ତହସିଲ କାର୍ଯ୍ୟାଳୟରେ କର୍ମଚାରୀମାନେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

# ଟିକାକରଣରୁ ବଞ୍ଚିତ ଡ୍ରାଇଭର

## ତହସିଲଦାରଙ୍କୁ ଦାବିପତ୍ର ଦେଲା ମହାସଂଘ


ଡ୍ରାଇଭର ମହାସଂଘ ତରଫରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରୂପସା, ୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ସୋମବାର ବସ୍ତା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭରମାନେ କରୋନା ମହାମାରୀ କାଳରେ ନିଜ ଜୀବନ ପ୍ରତି ବିପଦ ଥାଇ ମଧ୍ୟ ସର୍ବସାଧାରଣଙ୍କୁ ସେବା ଯୋଗାଇ ଚାଲିଛନ୍ତି। କିନ୍ତୁ ସରକାରଙ୍କର ଧାର୍ଯ୍ୟ ଟୀକାକାରଣ ଯୋଜନାରେ ଡ୍ରାଇଭରମାନେ ଏଯାବତ ସାମିଲ ହୋଇ ନ ଥିବା ଅଭିଯୋଗ ହୋଇଛି। ଟୀକା ନେବାରେ ବିଫଳ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ କୋଭିଡ ଭ୍ୟାକ୍‌ସିନ ନେଇ ନ ଥିବାରୁ ସେମାନଙ୍କ ଜୀବନ ପ୍ରତିବିପଦ ଦେଖାଦେଇଛି। କୋଭିଡ ୧୯ର ପ୍ରଥମ ଓ ଦ୍ୱିତୀୟ ଲହର ସରିଯାଇ ତୃତୀୟ ଲହରୀ ଆରମ୍ଭ ହୋଇଥିବା ବେଳେ ଟୀକାକରଣ ଯୋଜନାରେ ତୁରନ୍ତ ସମସ୍ତ ଡ୍ରାଇଭରଙ୍କୁ ସାମିଲ କରାଯିବାର ବ୍ୟବସ୍ଥା ହେଉ ବୋଲି ସଂଘ ପକ୍ଷରୁ ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ନ ହେଲେ ଆଗାମୀ ଦିନରେ ସମସ୍ତ ଡ୍ରାଇଭର ଗାଡି ଚଳାଇବା ବନ୍ଦ କରିବେ ବୋଲି ଚେତାବନୀ ଦିଆଯାଇଛି। ସଙ୍ଘର କର୍ମକର୍ତ୍ତା ସ୍ୱାଧୀନ ଶତପଥୀ, ରାଜେନ୍ଦ୍ର ନାଥ ସାହୁ, ସୁମନ କୁମାର ଜେନା, ଗରବେଶ୍ୱର ଦାସ, ସୁଶାନ୍ତ ମହାନ୍ତି, ଦୀପକ ମହାନ୍ତି, ମଧୁସୂଦନ ଦାସ, ସୁକୁଲାଇ ମାରାଣ୍ଡି, ଭରତ ସାହୁ, ଏସ୍. କେ. ଜଗୁ, ସତ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ



ଆନ୍ଦୋଳନରତ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା।

ଭଦ୍ରକ ଅଫିସ,୯।୮

ଭଦ୍ରକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ କରୋନା ସହାୟତା ଦାବିରେ ଆନ୍ଦୋଳନ କରାଯାଇଥିଲା। ଗାନ୍ଧୀପଡ଼ିଆରୁ କଳାକାର, ନବନିର୍ମାଣ କୃଷକ, ପାର୍ଲର ମାଲିକ, ଜିମ୍ ସେଣ୍ଟର ମାଲିକ, ଟେଣ୍ଟ ଆଣ୍ଡ ଲାଇଟ ସାଉଣ୍ଡ ମାଲିକ ସଙ୍ଗଠନ ପକ୍ଷରୁ ମିଳିତ ହୋଇ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ରାଉତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦୁଇ ପ୍ରକାର ଆଇନ ଚାଲିବା ଦୁର୍ଭାଗ୍ୟଜନକ ବୋଲି କହି ସମାଲୋଚନା କରିଥିଲେ। କିଛି ବର୍ଗକୁ କୋଭିଡ୍ ସହାୟତା ମିଳିଥିବା ବେଳେ ଆଉ କେତେକ ଏଥିରୁ ବଞ୍ଚିତ ହୋଇଥିବା ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି।

## ପଧାନପଡ଼ା କଂଗ୍ରେସ କମିଟି ଗଠିତ

ବନ୍ତ,୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ସ୍ତରୀୟ କଂଗ୍ରେସ କମିଟି ସୋମବାର ଗଠିତ ହୋଇଯାଇଛି। ସଭାପତି ଭାବେ ରାହୁଲ ଅମିନ୍ ସିଦ୍ଦିକ୍, ଉପସଭାପତି ସନାତନ ଜେନା, ରବୀନ୍ଦ୍ର ସାମଲ, ସାଧାରଣ ସମ୍ପାଦକ ସେକ୍ ସାବିର୍, ବଳରାମ ବେହେରା, ସମ୍ପାଦକ ଉଚ୍ଛବ ଜେନା, ସୁଧାଂଶୁ ସେଠୀ, ସଞ୍ଜୁଲତା ସାମଲ, ଯୁବ କଂଗ୍ରେସ ସଭାପତି ୟୁସୁବ୍ ଖାନ୍, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ପଞ୍ଚାୟତ ସଭାପତି ଜମିରୁଲ୍ ସୟଦ ରହେମାନ ମନୋନୀତ ହୋଇଛନ୍ତି। ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ, ବ୍ଲକ ଉପସଭାପତି ନିରଞ୍ଜନ ମଲ୍ଲିକ, ଜିଲା ସମ୍ପାଦକ ରାଜକିଶୋର ପଣ୍ଡା, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସାଦ୍ ସିଦ୍ଦିକ୍ ଯୋଗ ଦେଇଥିଲେ।

# ସିପିଏମ୍‌ର ସତ୍ୟାଗ୍ରହ

ଖଇରା, ୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିପିଏମ୍ ଆଞ୍ଚଳିକ କମିଟି ଆନୁକୂଲ୍ୟରେ ସୋମବାର ସତ୍ୟାଗ୍ରହ ପାଳନ ଅବସରରେ ଖଇରା ବିଡିଓଙ୍କୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ସିପିଏମ କର୍ମୀଙ୍କର ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ବ୍ଲକ ଛକରେ ପହଞ୍ଚିଥିଲା। ପରେ ଜଗତାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପଥପ୍ରାନ୍ତ ସଭାରେ ସନ୍ତୋଷ ସାହୁ, ବସନ୍ତ ମାଝୀ, ଭଗବାନ ଦାସ, ଉପେନ୍ଦ୍ର ଦାସ, ପ୍ରଶାନ୍ତ ପରିଡା, ପ୍ରଶାନ୍ତ ବାରିକ, ଉତ୍ତମ ଦାସ ପ୍ରମୁଖ ଯୋଗ ଦେଇ ତ୍ରୁଟିପୂର୍ଣ୍ଣ ୩ କୃଷି ଆଇନ ଓ ବିଦ୍ୟୁତ ଘରୋଇକରଣ ବିଲକୁ ନେଇ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଥିଲେ। ପରେ ଏକ ଲିଖିତ ଦାବିପତ୍ର ବିଡିଓ ପର୍ଶୁରାମ ପଣ୍ଡାଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା।


ସିପିଏମ ଆଞ୍ଚଳିକ କମିଟି ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଓଡ଼ିଶା ସ୍କୁଲ କଲେଜ ମିଳିତ ମଞ୍ଚର ବିକ୍ଷୋଭ

ଭଦ୍ରକ ଅଫିସ/ କେନ୍ଦୁଝର, ୯।୮(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ମିଳିତ ମଞ୍ଚର ଭଦ୍ରକ ଓ କେନ୍ଦୁଝର ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଷ୍ଟାର ଭଦ୍ରକ ଜିଲା ସଭାପତି ରମାକାନ୍ତ ପରିଡ଼ାଙ୍କ ନେତୃତ୍ୱରେ କ୍ରାନ୍ତିଦିବସଠାରୁ ଶିକ୍ଷକ ଓ ଅଧ୍ୟାପକମାନେ ମିଳିତ ଭାବେ ଆନ୍ଦୋଳନ କରିଛନ୍ତି। ୧୭୭ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜକୁ ସପ୍ତମ ବେତନ ପ୍ରଦାନ, ଚାକିରି ସର୍ତ୍ତାବଳୀ, ପେନ୍‌ସନ ପାଇବା ବୟସ ୬୨ ବର୍ଷକୁ ବୃଦ୍ଧି ଦାବି ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର କୌଣସି ପଦକ୍ଷେପ ନ ନେଲେ ୧୬ ତାରିଖ ଦାବି ଦିବସରେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି ମଞ୍ଚ। ଓଷ୍ଟା ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଅକ୍ଷୟ ହୋତା, ପ୍ରଦୀପ୍ତ ଦାସ, ମନୋରଞ୍ଜନ ପଣ୍ଡା, ୬୬୨ କଲେଜ ସଂଘର ଆଦିତ୍ୟ ଜେନା, ଲକ୍ଷ୍ମୀଧର ନାୟକ, ମଦ୍ରାସା ସଂଘର ଶେଖ୍ ରାଜା, ଅଫତାବ ଆଲାମ, ଅଶୋକ ରାଉତ, ଉପେନ୍ଦ୍ର ବିଶ୍ୱାଳ, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

କେନ୍ଦୁଝର ତରଫରୁ କ୍ରାନ୍ତି ଦିବସରେ ଶିକ୍ଷକ ଭବନରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭରେ କେନ୍ଦୁଝର ଜିଲାର ୫ଟି ସଂଗଠନର ଜିଲା ନେତୃତ୍ୱ ସାମିଲ ହୋଇଥିଲେ। ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ତ ଦାବିକୁ ସରକାର ଯଥାଶୀଘ୍ର ପୂରଣ ନ କରନ୍ତି ତେବେ ନିକଟ ଭବିଷ୍ୟତରେ ଓଡିଶାର ଶିକ୍ଷା ବ୍ୟବସ୍ଥା ଭୁଶୁଡିଯିବ ବୋଲି ଆବାହକ କ୍ଷୀରୋଦ କୁମାର ରାଉତ କହିଛନ୍ତି। ଏହି ସମାବେଶରେ ଶିକ୍ଷକ ନେତା ଭିକାରୀ ଚରଣ ସାହୁ, ବସନ୍ତ ମହାପାତ୍ର, କାହ୍ନୁଚରଣ ସାମଲ, ସତ୍ୟନାରାୟଣ ସାହୁ, ଅକ୍ଷୟ କୁମାର ସିଂ ପ୍ରମୁଖ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସରକାର ଅଗଷ୍ଟ ୧୫ ମଧ୍ୟରେ ଦାବି ପୂରଣ ନକଲେ ଓଡ଼ିଶାର ୮ଟି ସଂଗଠନ ଏକଜୁଟ ହୋଇ ୧୬ ତାରିଖ ଦିନ ଆନ୍ଦୋଳନ ତୀବ୍ରତର କରାଯାଇ ଭୁବନେଶ୍ୱରରେ ମହାସମାବେଶ କରାଯିବ ବୋଲି ଶିକ୍ଷକ ନେତା କାହ୍ନୁଚରଣ ସାମଲ କହିଛନ୍ତି।

## ଦମ୍ପତିଙ୍କଠାରୁ ଲୁଟ୍ ଘଟଣାରେ ୨ ଅଟକ

ସଜନାଗଡ, ୯।୮(ଡି.ଏନ.ଏ.)

ଖନ୍ତାପଡ଼ା ଥାନା ନଇଛଣପୁର ଗ୍ରାମର ବସନ୍ତ ମହାଳିକ ଓ ତାଙ୍କର ସ୍ତ୍ରୀ ତିଲୋତ୍ତମା ଏକ ବାଇକରେ ନିଜ ବନ୍ଧୁଘର ବଡୁଆ ଗ୍ରାମକୁ ମିତ୍ରପୁର ଦେଇ ଫେରୁଥିବା ବେଳେ ସୋମବାର ଗୋପିନାଥପୁର ରେଲୱେ କ୍ରସିଂଠାରେ ୭ଜଣ ଯୁବକ ବାଇକରେ ଆସି ଭୁଜାଲି ଓ ବନ୍ଧୁକ ଦେଖାଇ ସୁନା ଚେନ ଓ ନଗଦ ୩୫ ହଜାର ଟଙ୍କା ଲୁଟି ନେଇଥିଲେ। ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନୀଳଗିରି ଥାନା ଭାରପ୍ରାପ୍ତ ଆଇଆଇସି ବାସୁଦେବ ଜୟସିଂହ ପହଞ୍ଚି ୨ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ୨ଜଣ ଫେରାର ହୋଇଯାଇଥିଲେ।

## 'ଚାକିରି ଦୁର୍ନୀତିର ସିବିଆଇ ତଦନ୍ତ ହେଉ'

କେନ୍ଦୁଝର, ୯।୮(ସ୍ୱ.ପ୍ର.)

ବିଜେଡି ଶାସିତ ସରକାରଙ୍କ ଦୁର୍ନୀତି ଦିନକୁ ଦିନ ବଢ଼ି ଚାଲିଛି। ବର୍ତ୍ତମାନ ରାଜ୍ୟରେ ଶିକ୍ଷିତ ଯୁବକ ଚାକିରି ପାଉ ନ ଥିବାବେଳେ ଓଡିଶା ଷ୍ଟାଫ ସିଲେକ୍ସନ କମିଶନରେ ଅସାଧୁ କାରବାର ଚାଲିଛି। ଯୋଗ୍ୟତା ନ ଥାଇ ଟଙ୍କା ନେଇ ଚାକିରୀ ଦେବା ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଛି। ଯଦି ଜଣେ କର୍ମଚାରୀଙ୍କ ପାଖରୁ ଚାରି କୋଟିରୁ ଊର୍ଦ୍ଧ ଟଙ୍କା ଓ ୯ ଶହ ଜୀବନ ବୀମା ମିଳୁଥିବା ବେଳେ ଉପରିସ୍ଥ ଅଧିକାରୀମାନଙ୍କ ପାଖରେ କୋଟି କୋଟି ଟଙ୍କାର ଦୁର୍ନୀତିର ସୁରାକ ମିଳିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସେଥିପାଇଁ ସୋମବାର କେନ୍ଦୁଝର ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହାର ସିବିଆଇ ତଦନ୍ତ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ରେଳଷ୍ଟେଶନକୁ ସ୍ୱତନ୍ତ୍ର ଡିଭିଜନ୍ ମାନ୍ୟତା ଦାବି

## ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ

ବାଲେଶ୍ୱର ଅଫିସ, ୯।୮

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ରେଳ ଷ୍ଟେଶନ୍‌କୁ ସ୍ୱତନ୍ତ୍ର ଡିଭିଜନ୍ ମାନ୍ୟତା ଓ ନୀଳଗିରି ଡାହାଣିମରା-ଗୋପିନାଥପୁର ମାଲବୁହା ରେଳ ଷ୍ଟେଶନ୍‌କୁ ଏକ ପାସେଞ୍ଜର ରେଳ ଷ୍ଟେଶନ୍‌ରେ ପରିଣତ କରିବାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରେଳମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ବାଲେଶ୍ୱର ରେଳଷ୍ଟେଶନକୁ ଦକ୍ଷିଣ ପୂର୍ବାଞ୍ଚଳ ଅନ୍ତର୍ଗତ ଖଡ଼ଗପୁର ଡିଭିଜନ୍‌ରେ ରଖିବା ହେତୁ ବହୁ ସମସ୍ୟା ହେଉଛି। ଏହାକୁ ରୂପ୍‌ସା-ବାଙ୍ଗିରିପୋଷି ସେକ୍ସନକୁ ମିଶାଇ ବାଲେଶ୍ୱରକୁ ପୂର୍ବତଟ ରେଳବାଇ ଅଧୀନରେ ଏକ ସ୍ୱତନ୍ତ୍ର ଡିଭିଜନ୍ ମାନ୍ୟତା ଦେବା ଓ ନୀଳଗିରି ଡାହାଣିମରା-ଗୋପିନାଥପୁର ମାଲବୁହା ରେଳଷ୍ଟେଶନ୍‌କୁ ଏକ ପାସେଞ୍ଜର ରେଳ ଷ୍ଟେଶନ୍‌ରେ ପରିଣତ କଲେ ଅନେକ ଲୋକ ଉପକୃତ ହେବେ ବୋଲି ଏମ୍‌ପି ଷଡ଼ଙ୍ଗୀ ଦାବି କରିଛନ୍ତି। ପୂର୍ବରୁ ବାଲେଶ୍ୱର ରେଳଷ୍ଟେଶନ୍‌ର ଆଧୁନିକୀକରଣ ପାଇଁ ଏମ୍‌ପି ଷଡ଼ଙ୍ଗୀ ଚିଠି ଲେଖିଥିଲେ ଓ ପୂର୍ବ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କ ସହ ଆଲୋଚନା କରିଥିଲେ। ସରକାର ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସର୍ବେକ୍ଷଣ କରାଇ ଏକ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଏମ୍‌ପି ଷଡ଼ଙ୍ଗୀ ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି।


କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଦାବିପତ୍ର ପ୍ରଦାନ କରୁଛନ୍ତି।

# କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣରେ ଅନିୟମିତତା

■ନିମ୍ନମାନର କାର୍ଯ୍ୟକୁ ନେଇ ବଢୁଛି ଅସନ୍ତୋଷ

■ଭିଜିଲାନ୍ସ ତଦନ୍ତ ଦାବି

ରୂପସା, ୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗଡ଼ପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଅଟକଳ ମୁତାବକ କାର୍ଯ୍ୟ ହୋଇ ନ ଥିବାରୁ ଏହି ପକ୍କାଘର ଭୁଶୁଡ଼ିପଡ଼ିବ ବୋଲି କୃଷକମୋର୍ଚ୍ଚା ପକ୍ଷରୁ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ନିର୍ମାଣ ହୋଇଥିବା ଏହି କେନ୍ଦ୍ର ଉପରେ ଚକଚକ ଭିତରେ ଫମ୍ପା ବୋଲି ସୋମବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ରାଷ୍ଟ୍ରୀୟ କୃଷିବିକାଶ ଯୋଜନା ଆନୁକୂଲ୍ୟରେ କୃଷି ଓ କୃଷକ ସଶକ୍ତିବିଭାଗ ଦ୍ୱାରା ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮।୧୧।୧୯ରେ ଜଣେ ଠିକାଦାର ଟେଣ୍ଡର ନେଇଥିଲେ। ଜିଏସଟି ବାଦ୍ ଦେଇ ୪ଲକ୍ଷ ୩୫ ହଜାର ୩୧୩ ଟଙ୍କାର ପ୍ଲାନ ଏଷ୍ଟିମେଟ ମୁତାବକ ୩ମାସ ମଧ୍ୟରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ମାତ୍ର ଠିକାଦାରଙ୍କ ମନମୁଖୀ ଓ ଦାୟିତ୍ୱହୀନତାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୨୦ ମାସ ସମୟ ଲାଗିଥିଲା। ଅପରପକ୍ଷରେ ନିମ୍ନମାନର ଇଟା, ଆବଶ୍ୟକ ପରିମାଣରେ ସିମେଣ୍ଟ ଦିଆ ନ ଯିବା, ଛାତପକା ବେଳେ ଆବଶ୍ୟକ ପରିମାଣରେ ରଡ଼ ବ୍ୟବହାର କରାଯାଇନାହିଁ ବୋଲି କୃଷକମୋର୍ଚ୍ଚା ସମେତ ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଆପୋଷ ସଲାସୁତରାରେ ସରକାରୀ ପାଣ୍ଠି ବାଟମାରଣା ସହ ବ୍ୟାପକ ହେରଫେର ହୋଇଥିବାରୁ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ଗତ ଜୁଲାଇ ୨୮ରେ ଜିଲା କୃଷି ଅଧିକାରୀ ବୀରେନ୍ଦ୍ର ବେହେରା, ବ୍ଲକ କୃଷି ଅଧିକାରୀ ଚୈତନ୍ୟ ପ୍ରସାଦ ସାହୁ, ସହକାରୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ, ସହକାରୀ ଯନ୍ତ୍ରୀ ଟି. ଦାସ ପ୍ରମୁଖ ଏହି କେନ୍ଦ୍ର ପରିଦର୍ଶନରେ ଆସି ଯାଞ୍ଚ କରିଥିଲେ। ଏ ସମ୍ପର୍କରେ କୃଷିବିଭାଗ ସହକାରୀ ଯନ୍ତ୍ରୀ ଟି. ଦାସଙ୍କୁ ପଚରାଯିବାରୁ ସେ କହିଛନ୍ତି, ତାଙ୍କ ଉପସ୍ଥିତିରେ ଛାତପକା ହୋଇଛି। ଏଷ୍ଟିମେଟ ମୁତାବକ ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି।



ପରିଦର୍ଶନରେ ଆସିଥିବା କୃଷି ବିଭାଗ ଅଧିକାରୀ।

